# Akashvani, Sambalpur

## SAMBALPURI NEWS BULLETIN

### 8 March 2025- 6.47- 6.52 am.

*********************************************

ଆନ୍ତର୍ଜାତିକ ମହିଳା ଦିବସ୍ ଆର୍‌ଏନ୍‌ୟୁ / ସମ୍ବଲପୁର୍

ଆଏଜ୍ ଅନ୍ତର୍ଜାତୀୟ ମହିଳା ଦିବସ୍ । ମିଲିତ୍ ଜାତିସଂଘ ତର୍ଫୁ ୧୯୭୫ ମସିହାନୁ ଆଝିର୍ ଦିନ୍‌କେ ଅନ୍ତର୍ଜାତୀୟ ମହିଳା ଦିବସ୍ ଭାବେ ପାଳନ୍ କରାଯାଉଛେ । ମହିଳାମାନ୍‌କର୍ ଅଧିକାର୍, ସମ୍ମାନ୍, ଲିଙ୍ଗଗତ ଭେଦଭାବ୍‌କେ ଦୂର୍ କର୍‌ବାର୍ ସହେତେ ସେମାନ୍‌କର୍ ରାଜନୈତିକ, ସାମାଜିକ ଆର୍ ଆର୍ଥିକ୍ ଉନ୍ନତି ଲାଗି ଖାସ୍ ଧିଆନ୍ ଦେବାର୍‌ଟା ଇ ଦିବସ୍ ପାଲନ୍‌ର ମୁଖ୍ୟ ଲକ୍ଷ୍ୟ ଆଏ । ୧୯୦୯ ମସିହା ଆଝିର୍ ଦିନେ ଆମେରିକା ନ ପହେଲାଥର୍ ଲାଗି ମହିଳାମାନ୍‌କର୍ ଅଧିକାର୍ ଦାବି ନେଇକରି ଆନ୍ଦୋଲନ୍ ହେଇଥିଲା । ବାଇଗଣି ରଙ୍ଗର୍ ରିବନ୍ ମହିଳା ଦିବସ୍‌ର ଚିହ୍ନ । ଇ ବଛର୍ ମହିଳା ଦିବସ୍‌ର ବାର୍ତା ହେଉଛେ 'ସବୁ ମହିଳା ଆର୍ ବାଳିକାମାନ୍‌କୁ ଅଧିକାର୍, ସମାନତା ଆର୍ ସଶକ୍ତ କର୍‌ବାର୍' ।

ମହିଳା ଦିବସ୍- ରାଷ୍ଟ୍ରପତି       ପି.ଆଇ.ବି.

କେନ୍ଦ୍ର ମହିଳା ଆଉ ଶିଶୁ କଲ୍ୟାଣ୍ ମନ୍ତ୍ରଣାଳୟ ତର୍ଫୁ ନୂଆଦିଲ୍ଲୀର୍ ବିଜ୍ଞାନ୍ ଭବନ୍ ଠାନେ ଆଏଜ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍ସରେ 'ନାରୀ ଶକ୍ତି ଜରିଏ ବିକଶିତ୍ ଭାରତ୍' ବାବଦ୍ ଜାତୀୟସ୍ତରୀୟ ସମ୍ମିଲନୀ ହେବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଯ୍ୟକ୍ରମ୍‌କେ ଉଦ୍‌ଘାଟନ୍ କର୍‌ବେ ।

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍ସରେ ତାଙ୍କର୍ ସାମାଜିକ ଗଣମାଧ୍ୟମ୍ ଏକ୍ସ ଏକାଉଂଟ୍‌କେ ଦେଶର୍ ୮ ଝନ୍ ପ୍ରେରଣାଦାୟୀ ମହିଳାମାନ୍‌କୁ ପରିଚାଲନା ଦାୟିତ୍ୱ ଦେଇଛନ୍ । ଇ ମହିଳା ଦିବସ୍ ଅବ୍ସରେ ଭାରତୀୟ ରେଲ୍‌ବାଇ ତର୍ଫୁ ରେଲ୍‌ବାଇ ସୁରକ୍ଷା ବାହିନୀ- ଆର୍‌ପିଏଫ୍ ମହିଳାମାନ୍‌କୁ ମିର୍ଚ୍ଚା ସ୍ପ୍ରେ ଡବା ଯୁଗେଇ ଦେବା । କେନ୍‌ସି ଅସୁବିଧା ସମିଆଥି ଆର୍‌ପିଏଫ୍ ମହିଳାମାନେ ଦୁର୍ବୃର୍ତ ମାନ୍‌କର୍ ଉପ୍‌ରେ ବେଭାର୍ କରିକରି ସମ୍‌କର୍ ସୁରକ୍ଷା କରିପାର୍‌ବେ ବଲି ରେଲ୍‌ବାଇ ତର୍ଫୁ କୁହାଯାଇଛେ ।

ସୁଭଦ୍ରା       ଆର୍‌ଏନ୍‌ୟୁ/ ସମ୍ବଲପୁର

ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଆଏଜ୍ ସୁଭଦ୍ରା ଯୋଜ୍‌ନାର୍ ୨ ନମ୍ବର୍ କିସ୍ତିର୍ ପହେଲା ଖେପ୍ ସାହାଜ୍ ଟଙ୍କା ହିତାଧିକାରୀମାନ୍‌କୁ ଦିଆଯିବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ବ୍ରହ୍ମପୁର୍ ଠାନେ ୧ କୋଟି ହିତାଧିକାରୀଙ୍କୁ ୫ ହଜାର୍ କୋଟି ସାହାଜ୍ ଟଙ୍କା ବାଂଟ୍‌ବେ ।

ମୁଖ୍ୟମନ୍ତ୍ରୀ ଅଭିଯୋଗ ଶୁଣାଣି      ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବନେଶ୍ୱର ୟୁନିଟ୍ ୫ ନଥିବା ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ ଶୁଣାଣି ପ୍ରକୋଷ୍ଠ ନ ଆଏବା ସୋମ୍‌ବାର୍ ଦିନ ଶୁଣାଣି ବନ୍ଦ ରହେବା । ବିଧାନ୍‌ସଭା ବଜେଟ୍ ଅଧିବେଶନ୍ ଚାଲିଥିବାର୍‌ନୁ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ ପ୍ରଶାସନ ଆଉ ସାଧାରଣ ଅଭିଯୋଗ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ- ସମ୍ବଲପୁର      ଆର୍‌ଏନ୍‌ୟୁ/ ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ସମ୍ବଲ୍‌ପୁର୍ ଗସ୍ତଥି ଆସିକରି ସହର୍ ପାଖର୍ ଠେମ୍‌ରା ପେକ୍ସ ଠାନେ

ଭାରତୀୟ ଜନଔଷଧୀ କେନ୍ଦ୍ରକେ ଉଦଘାଟନ୍ କରିଛନ୍ । ଇ ଯୋଜ୍ନା ଚିକିତ୍ସା କ୍ଷେତ୍ର ନ ଲୁକ୍‌କୁ ଆର୍ଥିକ୍‌ସ୍ତରଥି ବହୁତ୍‌ଟେ ସାହାଜ୍ କରୁଛେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ଅନ୍ତର୍ଜାତୀୟ ମହିଲା ଦିବସ-୧ I&PR

ରାଜ୍ୟ ମହିଲା ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ଠାନେ ଆଏଜ୍ ଉପର୍‌ବେଲା ରାଜ୍ୟସ୍ତରୀୟ ଅନ୍ତର୍ଜାତୀୟ ମହିଲା ଦିବସ୍ ସମାରୋହ ହେବା । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଆଉ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେବେ ।

ମହିଲା ଦିବସ୍ - ୨ ଆର୍‌ଏନ୍‌ୟୁ/ ସମ୍ବଲପୁର

ଚାଷ୍ କ୍ଷେତ୍ରଥି ମହିଲା ମାନ୍‌କୁ ତହଁକାବାର୍ ଦିଗେ କାମ୍ କରିକରି ଗୁଟେ ଭିନେ ଉଦାହରଣ୍ ସାଜିଛନ୍ ବଲାଙ୍ଗିର୍ ଜିଲ୍ଲା

ଲୁଇସିଂହାର ସମାଜସେବୀ ଜୁଲି ପଧାନ୍ । କୃଷକ୍ ସଂଗଠନ୍ ଗଠନ୍ କରିକରି ସେ ଆଏଜ୍ ହଜାର୍ ହଜାର୍ ମହିଳାଙ୍କୁ ସଫଲ୍ ଚାଷୀ ବନେଇପାରିଛନ୍ । ଆଏଜ୍ ଅନ୍ତର୍ଜାତୀୟ ମହିଳା ଦିବସ୍ ଅବ୍‌ସରେ ଆସୁନ୍ ଶୁନ୍‌ମା ଲୁଇସିଂହା ସେବା ଉତ୍ପାଦକ ସେବା ସଂଗଠନ୍‌ର ଅଧ୍ୟକ୍ଷା ଜୁଲି ପଧାନ୍‌ଙ୍କର୍ କାହାନୀ...

(ଭଏସ୍ ଓଭର୍- ଜୁଲି ପଧାନ୍)

ପିଜି ନାଁଲେଖା I&PR

୨୦୨୫-୨୬ ଶିକ୍ଷାବଛର୍‌ଥି ସ୍ନାତକୋତର-ପିଜି ପାଠ୍‌ପଢ଼ାଥି ନାଁଲେଖା ପ୍ରକ୍ରିୟା ଜଲ୍‌ଦି ମୁଲ୍ କର୍‌ବାର୍‌କେ ରାଜ୍ୟ ସର୍‌କାର୍ ନିଷ୍ପତି ନେଇଛନ୍ । ମାର୍ଚ୍ଚ ୧୦ ତାରିଖ୍‌ନୁ କମନ୍ ଆପ୍ଲିକେସନ୍ ଫର୍ମ ଭର୍‌ବାର୍ ପ୍ରକ୍ରିୟା ମୁଲ୍ ହେବା । ଆଗ୍ରହୀ ଛାତ୍ରଛାତ୍ରୀମାନେ ଏକକ ସ୍ନାତକୋତର ପ୍ରବେଶିକା ପରୀକ୍ଷା - ସିପିଇଟି ପରୀକ୍ଷା ଦେବେ । ଇ ପରୀକ୍ଷା ମେ ମାସର୍ ପହେଲା ହପ୍ତାଥି ହେବା ।

ୱେଭ୍‌ସ୍-୨୦୨୫- ମହାରାଷ୍ଟ୍ର ଆର୍‌ଏନ୍‌ୟୁ/ ସମ୍ବଲପୁର

ମେ ମାସେ ଦେଶେ ହେବାର୍‌କେ ଥିବା ବିଶ୍ୱ ଅଡ଼ିଓ ଭିଜୁଆଲ୍ ଏଂଟର୍‌ଟେନ୍‌ମେଂଟ୍ ସମିଟ୍ - ୨୦୨୫କେ ମହାରାଷ୍ଟ୍ର ଆୟୋଜନ୍

କର୍‌ବାର୍‌କେ ଯାଉଛେ । ମୁମ୍ବାଇ ନ ହେବାର୍‌କେ ଥିବା ଇ ସମାରୋହ ଲାଗି ଗଲାକାଏଲ୍ ମହାରାଷ୍ଟ୍ର ମୁଖ୍ୟ ଶାସନ୍ ସଚିବ ଆଉ କେନ୍ଦ୍ର ସୂଚନା ଆଉ ପ୍ରସାରଣ୍ ସଚିବଙ୍କର୍ ଭିତ୍‌ରେ ଗୁଟେ ବୈଠକ୍ ହେଇକରି ରଣନୀତି ତିଆର୍ କରାଯାଇଛେ ।

ଶିଶୁ ସୁରକ୍ଷା ସଚେତନତା ରଥ ଆର୍‌ଏନ୍‌ୟୁ/ ସମ୍ବଲପୁର

କଲାହାଣ୍ଡି ଜିଲ୍ଲାପାଲ୍‌ଙ୍କର୍ କାର୍ଯ୍ୟାଳୟ ଠାନୁ ଗଲାକାଏଲ୍ ଗୁଟେ ଶିଶୁ ସୁରକ୍ଷା ସଚେତନତା ରଥକେ ଅତିରିକ୍ତ ଜିଲ୍ଲାପାଲ୍ ତନ୍ମୟ କୁମାର୍ ଦର୍‌ୱାନ୍ ଶୁଭାରମ୍ଭ କରିଛନ୍ । ଇ ରଥ ଜିଲ୍ଲାର୍ ସବୁ ବ୍ଲକ୍ ବୁଲିକରି ଶିଶୁ ସାହାଜ୍ କେନ୍ଦ୍ର, ସୁଭଦ୍ରା ଯୋଜ୍‌ନାର୍ ସାହାଜ୍ ସେବା ବାବ୍‌ଦେ ଲୁକ୍‌କୁ ସଚେତନ୍ କର୍‌ବା ।

କଳିଙ୍ଗ ସୁପର୍‌କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ କଳିଙ୍ଗ ଷ୍ଟାଡ଼ିୟମ୍ ଠାନେ କଳିଙ୍ଗ ସୁପର୍‌କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍ ଆୟୋଜନ୍ କରାଯିବା ବଲି ଅଲ୍‌ଇଣ୍ଡିଆ

ଫୁଟ୍‌ବଲ୍ ଫେଡ଼େରେସନ୍ ତରଫୁ ସୂଚ୍‌ନା ଦିଆଯାଇଛେ । ଟୁର୍ଣ୍ଣାମେଂଟ୍ ଏପ୍ରିଲ୍ ୧୮ ନୁ ୨୮ ତାରିଖ୍‌ତକ୍ ଚାଲ୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ସମ୍ବଲପୁର

ରାଏଜେ ଆଏବା ୩/୪ ଦିନ୍ ଭିତ୍‌ରେ ଦିନର୍ ତାପମାତ୍ରା ୩ ନୁ ୪ ଡିଗ୍ରୀତକ୍ ବଢ଼୍‌ବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ଇ ସମିଆଥି ରାତିର୍ ତାପମାତ୍ରା ଭିଲ୍ ୨ ନୁ ୩ ଡିଗ୍ରୀତକ୍ ବଢ଼୍‌ବାର୍ ସମ୍ଭାବନା ରହିଛେ ।